## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଅଞ୍ଚଳରେ ଦୁଇଟି ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ବାଗଡିଆ-ଟାଙ୍ଗିର ପୂର୍ତ୍ତ ରାସ୍ତାର ବର ବୁଲାଣି ନିକଟରେ ଦୁଇଟି ବାଇକ୍ ମଧରେ ମଙ୍ଗଳବାର ରାତିରେ ଧକ୍କା ହୋଇଥିଲା। ଏଥିରେ ଟାଙ୍ଗିର ଗ୍ରାମର ସଞ୍ଜୟ କୁମାର ପ୍ରଧାନ ଓ କଣଲୋଇ ଗ୍ରାମର କାନ୍ତ ମାଝି ଗୁରୁତର ହୋଇଥିଲେ। କାନ୍ତଙ୍କୁ କଟକ ପଠାଯାଇଥିବାବେଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ



ସଞ୍ଜୟଙ୍କ ମୃତ୍ୟୁ ହୋଇଯାଇଛି। ସେହିପରି ଛେଣ୍ଡିପଦା-ବାଗଡିଆ ରାଜପଥର ବାପୁଜୀ ମହାବିଦ୍ୟାଳୟ ନିକଟରେ ବାଇକ୍ ଓ ସ୍କୁଟି ମଧରେ ଧକ୍କା ଯୋଗୁ ୩ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁଇଟି ମାମଲା ରୁଜୁ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡିକୁ ଜବତ କରିଛି।

### ଜରପଡ଼ା ଏଭିଡି ୱାରିୟର୍ସ ଚାମ୍ପିୟନ

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଜରପଡା ମିନି ଷ୍ଟାଡିୟମରେ ଚାଲିଥିବା ରାତ୍ରିକାଳୀନ ଏଭରଗ୍ରୀନ୍ ସୁବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟା ଭାନୁପ୍ରିୟା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ ବାଗଡିଆ କ୍ରିକେଟ ଦଳ ଓ ଜରପଡା ଏଭିଡି ୱାରିୟର୍ସ ମଧରେ ଖେଳାଯାଇଥିଲା। ବାଗଡିଆ ଦଳ ପ୍ରଥମେ ବ୍ୟାଟିଂ କରି ୧୨୭ ରନ କରିଥିଲା। ଜବାବରେ ଜରପଡ଼ା ଟିମ୍ ୧୨୮ ରନ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଯୁବ ନେତା ଡମ୍ବରୁଧର ବେହେରା, ଜରପଡା ସରପଞ୍ଚ ବିଦେଶୀ ବେହେରା, ସମିତିସଭ୍ୟା ପ୍ରମିଳା ପଲେଇ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଏଭରଗ୍ରୀନ୍ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅବକାରୀ ଚଢ଼ାଉ, ୫ ଗିରଫ

**ବଇଣ୍ଡା,୧୩।୪(ଡି.ଏନ.ଏ.):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୫୯ ଲିଟର ଦେଶୀ ମହୁଲି ସହ ୬୫ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ମକାମୁଣ୍ଡା ଗ୍ରାମର ମଙ୍ଗୁଳ ମାଝି, କୃଷ୍ଣ ପ୍ରଧାନ, ଦାରିକ ମାଝି, ପୂର୍ଣ୍ଣିମା ବେହେରା, ଗାଁ ବଇଣ୍ଡା ଗ୍ରାମର ଦୁଃଶାସନ ସାହୁଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ, ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ ପତି ଚଢ଼ାଉ କରିଥିଲେ।



# ପ୍ରକଳ୍ପ ଥାଇ ମିଳୁନି ପାଣି



କୁଡ଼ାସାହି ଗ୍ରାମରେ ଥିବା ଜଳ ପ୍ରକଳ୍ପ।

- ବର୍ଷେ ହେଲା ଅଚଳ ରହିଛି ପମ୍ପ
- ବିଭିନ୍ନ ଅଞ୍ଚଳରେ ଫାଟିଛି ପାଇପ୍
- ଜଳ ସଙ୍କଟରେ ୬ ଗ୍ରାମବାସୀ

**ବଇଣ୍ଡା,୧୩।୪(ଡି.ଏନ.ଏ.)**

ରାଜ୍ୟର ସବୁ ଗାଁକୁ ଯେପରି ଶୁଦ୍ଧ ପାଇପ୍ ପାଣି ଯୋଗାଣ କରାଯିବ, ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଏ ନେଇ ଏକାଧିକ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କା ବ୍ୟୟରେ ମେଗା ପ୍ରକଳ୍ପ ଓ ପ୍ରକଳ୍ପମାନ ନିର୍ମାଣ କରୁଛନ୍ତି। ହେଲେ ଆବଶ୍ୟକ ତଦାରଖ ଅଭାବରୁ କେଉଁଠି ପ୍ରକଳ୍ପ ପମ୍ପ ତ ଆଉ କେଉଁଠି ପାଇପ୍ ଫାଟି ଜଳଯୋଗାଣ ବନ୍ଦ ରହୁଛି। ଏହି କାରଣରୁ ଅନେକ ଅଞ୍ଚଳବାସୀ ପିଇବା ପାଣି ସଂଗ୍ରହ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ୬ ଗ୍ରାମବାସୀ ବର୍ଷେ ହେବ ଏପରି ସମସ୍ୟାରେ ପଡ଼ିଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପାଇକସାହି ପଞ୍ଚାୟତର ପାଇକସାହି, କୁଡ଼ାସାହି, ଖଇରାସାହି, ଦଳିତ ସାହି, ସତ୍ୟବାଦୀପୁର, ବାଲିସାହି ଗ୍ରାମକୁ ପିଇବା ପାଣି ଯୋଗାଇ ଦେବା ନିମନ୍ତେ କୁଡାସାହି ଠାରେ ୨୦୦୭ ମସିହାରେ ଏକ ପାନୀୟ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏ ବାବଦରେ ୧୫ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲା। ହେଲେ ପାଣି ଆବଶ୍ୟକତା ମେଣ୍ଟାଇ ନ ପାରିବା ସହ ପ୍ରତିବର୍ଷ ଜାନୁୟାରୀରେ ଖୋଳାଯାଇଥିବା କୂଅ ଶୁଖିଯାଉଥିଲା। ତେଣୁ ୨୦୧୨ ମସିହାରେ ୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିକଟରେ ଆଉ ଏକ ବଡ଼ କୂଅ ଖୋଳାଯାଇ ଜଳ ଯୋଗାଣ ତ୍ୱରାନ୍ୱିତ କରାଯାଇଥିଲା। କିନ୍ତୁ ବର୍ଷେ ହେବ ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ ରହିଛି। ପମ୍ପ ଅଚଳ ହୋଇପଡ଼ିବା ସହ ବିଭିନ୍ନ ଗ୍ରାମକୁ ଲମ୍ବିଥିବା ପାଣି ପାଇପ୍‌ଗୁଡିକ ଫାଟି ଯାଇଥିବା ଯୋଗୁ ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ୬ ଗ୍ରାମବାସୀ ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ନଳକୂଅଗୁଡିକର ଜଳସ୍ତର ହ୍ରାସ ପାଇଥିବା ଯୋଗୁ ଲୋକେ ପିଇବା ପାଣି ସଂଗ୍ରହ କରିବାରେ ସମସ୍ୟାରେ ପଡ଼ିଛନ୍ତି। ପ୍ରକଳ୍ପ ମରାମତି ଦାବିରେ ଗତ ଜାନୁୟାରୀ ୧୫ ଓ ମାର୍ଚ୍ଚ ୨୨ରେ ଗ୍ରାମବାସୀଙ୍କ ପକ୍ଷରୁ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କରାଯାଇଥିଲା। ହେଲେ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ପ୍ରକଳ୍ପ ଚାଲୁକରିବାକୁ ପାଇକସାହି ଗ୍ରାମର ବସ୍ତ୍ରନ ବେହେରା, ପ୍ରକାଶ ନାୟକ, ଦୀନବନ୍ଧୁ ନାୟକ, ବୀରବର ପ୍ରଧାନ, ଯଶୋମତି ଗଡତିଆ, ଊର୍ମିଳା ବେହେରା, ପପେୟା ନାୟକ, ଭାବିନୀ ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଜଳଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ପ୍ରକଳ୍ପ ମରାମତି କରାଯିବ।

**ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି**



"ଜଳସ୍ତର ହ୍ରାସ ପାଇଥିବାରୁ ବହୁ ନଳକୂଅରୁ ପାଣି ବାହାରୁ ନାହିଁ। ଏପରି ସ୍ଥିତିରେ ପ୍ରକଳ୍ପ ମରାମତି କରାଯାଉ ନ ଥିବା ଯୋଗୁ ପାନୀୟ ଜଳ ପାଇଁ ଅଞ୍ଚଳବାସୀ ବହୁ ହଇରାଣ ହେଉଛନ୍ତି। ଅଭିଯୋଗ କଲେ ମଧ ଗୁରୁତ୍ୱ ଦିଆଯାଉ ନାହିଁ।

-ପ୍ରତାପ କୁମାର ପ୍ରଧାନ, ପାଇକସାହି

**ଟ୍ୟାଙ୍କର ଯୋଗେ ପାଣି ଦିଆଯାଉ**



"ପ୍ରକଳ୍ପ ନିର୍ମାଣ ହେଲା ଦିନ ଠାରୁ ଠିକ୍ ଭାବେ ପାଣି ମିଳୁନାହିଁ। ଏ ନେଇ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ନଳକୂଅ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାରୁ ଟ୍ୟାଙ୍କର ଯୋଗେ ପ୍ରଶାସନ ପକ୍ଷରୁ ପାଣି ଯୋଗାଇ ଦିଆଯାଉ।

-କୁମୁଦିନୀ ଗଡ଼ତିଆ, ଖଇରାସାହି

**ବିଭାଗକୁ ଅବଗତ କରାଯାଇଛି**



"ଜଳ ପ୍ରକଳ୍ପ ଅଚଳ ରହିଥିବାରୁ ବର୍ଷେ ହେଲା ଶତାଧିକ ପରିବାର ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଳ ଯୋଗାଣ ବିଭାଗକୁ ଅବଗତ କରାଯାଇଛି। କିନ୍ତୁ ଅଧିକାରୀମାନେ ଶୁଣୁନାହାନ୍ତି।

-ନୀରଜକାନ୍ତ ସାହୁ, ସରପଞ୍ଚ

## ତାଳଚେର ମେଡିକାଲ କଲେଜ ଚାଲୁ କରାଯାଉ

**ଅନୁଗୋଳ ଅଫିସ,୧୩।୪**



ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବିଧାୟକ ବ୍ରଜ କିଶୋର ପ୍ରଧାନ।

ତାଳଚେର ଓ ଅନୁଗୋଳ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଧବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଠାରେ ବିଧାୟକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ

**ସରକାରଙ୍କୁ ଦାବି ଜଣାଇଲେ ତାଳଚେର ବିଧାୟକ**

ସମସ୍ୟା ଜଣାଇବା ସହ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି।

ତାଳଚେର ମେଡିକାଲ କଲେଜକୁ ତୁରନ୍ତ ଚାଲୁ କରିବା, ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଭୂମିପୂଜନ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ, ନାଲ୍‌କୋ ସ୍ମେଲଟର ଓ ପାୱାର ପ୍ଲାଣ୍ଟର ସମ୍ପ୍ରସାରଣ, ଜିଲାରେ ଏକ ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ସହ ଇଞ୍ଜିନିୟରିଂ କଲେଜ, ୫ଟି ନୂଆ ଡିଏଭି ସ୍କୁଲ ସ୍ଥାପନ, ଏଫ୍‌ସିଆଇର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା, ଏମ୍‌ସିଏଲ୍ ଜମିହରା ଗ୍ରାମଗୁଡିକରେ ବାସଗୃହ ହସ୍ତାନ୍ତର ବର୍ଷ ସମସ୍ତ ସାବାଳକଙ୍କୁ ନିଯୁକ୍ତି, ଜମି ଓ ଗୃହଗୁଡିକର କ୍ଷତିପୂରଣ ରାଶି ପ୍ରଦାନ ସହ ଅନ୍ୟ ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇବା, ତାଳଚେରର ଭବିଷ୍ୟତ ପିଢିଙ୍କ ଜୀବନ ଜୀବିକା ଓ ରୋଜଗାର ନିମନ୍ତେ ପ୍ରତିବର୍ଷ ୨୦୦୦ କୋଟି ଲେଖାଏ ଜିଲା ପ୍ରଶାସନଙ୍କ ନିକଟରେ ଏମ୍‌ସିଏଲ୍ ଜମା ଦେବା, କୋଇଲା ବୋଝେଇ ଟ୍ରେନ ଗୁଡ଼ିକରେ ପଲଭିଡା ବ୍ୟବସ୍ଥା କାର୍ଯ୍ୟକାରୀ କରାଇ ପ୍ରଦୂଷଣ କମ୍ କରିବା ସହିତ ରୋଜଗାର ସୃଷ୍ଟି କରିବା ଏବଂ ପୂର୍ବରୁ ନିଷ୍ପତ୍ତି ହୋଇଥିବା ୧୭ ଜଣ ଏସ୍‌ଏପି ଏନ୍‌ଟିପିସି ଜମିହରାଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ ଆଦି ସମ୍ବନ୍ଧରେ ବିଧାୟକ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ପ୍ରଧାନ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି।

## କାଳିଆକଟାରେ ମେରୁଯାତ୍ରା



ମା' ଦକ୍ଷିଣକାଳୀଙ୍କ ପୀଠରେ ଯାତ୍ରା ଚାଲିଛି।

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ପଞ୍ଚାୟତ କାଳିଆକଟା ଗ୍ରାମର ମା' ଦକ୍ଷିଣକାଳୀ ମନ୍ଦିରରେ ମା'ଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଦୀର୍ଘ ୧୪ ଦିନ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ମା' ଦକ୍ଷିଣକାଳୀଙ୍କ ନିକଟରେ ଦଣ୍ଡଯାତ୍ରା ସମାପନ କରିଥିଲେ। ପୂଜକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା ସମ୍ପାଦନ କରିଥିଲେ। ଏହି ମେରୁଯାତ୍ରାରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା ପ୍ରମୁଖ ମେରୁଯାତ୍ରାରେ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ମା'ଙ୍କ ଏହି ମେରୁଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଛାତ୍ରାବାସ ପରିଚାଳକଙ୍କୁ ହତ୍ୟା ଧମକ

**ବଇଣ୍ଡା,୧୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ଘୋଷାରଠାରେ ଥିବା ଏକ ବେସରକାରୀ ଛାତ୍ରାବାସ ପରିଚାଳକ ଅନୁଗୋଳ ଥାନା ଶିମିଳିପଡା ଗ୍ରାମର ଅମୂଲ୍ୟ କୁମାର ବିଶ୍ୱାଳଙ୍କୁ କସ୍ତୁରୀବାହାଳ ଗ୍ରାମର ସତ୍ୟଜିତ ପ୍ରଧାନ ହତ୍ୟା ଧମକ ଦେଇଥିବା ବୁଧବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୫୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅମୂଲ୍ୟ ଘୋଷାରଠାରେ ଏକ ଛାତ୍ରାବାସ କରିଛନ୍ତି। ଏଠାରେ ରଣିଆକଟା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରହୁଥିବାବେଳେ ସତ୍ୟଜିତ କାହିଁକି ବାହାର ଅଞ୍ଚଳରୁ ଆସି ଏଠାରେ ଛାତ୍ରାବାସ କରିଛୁ କହି ଫୋନ ମାଧ୍ୟମରେ ଅମୂଲ୍ୟଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ସତ୍ୟଜିତଙ୍କ ମୋବାଇଲ ଜବତ କରିଛି।

## ୨୨ରେ ଗୋଷ୍ଠୀ ସ୍ୱାସ୍ଥ୍ୟମେଳା

**ଛେଣ୍ଡିପଦା,୧୩।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତରେ ହେବାକୁ ଥିବା ସ୍ୱାସ୍ଥ୍ୟମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣିଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଆସନ୍ତା ୨୨ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟମେଳା କରାଯିବା ବୋଲି ସ୍ଥିର ହୋଇଥିଲା। ଏହି ମେଳାରେ ଟିବି, ଚକ୍ଷୁ, ଚର୍ମ, କୁଷ୍ଠ, ମେଡିସିନ, ସ୍ତ୍ରୀ ଓ ପ୍ରସୂତି, ମେଦବହୁଳତା ଆଦି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନଙ୍କ ରୋଗ ନିରୂପଣ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ କୁକୁରପେଟା ଗ୍ରାମବାସୀଙ୍କ ପକ୍ଷରୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, କୁକୁରପେଟା ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ସବିତା ସାହୁ, ଆକାଉଣ୍ଟ ଅଫିସର ପରମାନନ୍ଦ ପାତ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ. ନୈବେଦ୍ୟ ଲଲାଟେନ୍ଦୁ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେବାଷ୍ଟିନା କୁଜୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ମାଝି, ବାଲିପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଭିଳାଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ପୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା ବୈଠକ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ୫ ଦିନରେ ୬୦ ଲକ୍ଷ ଟଙ୍କାର ବ୍ୟବସାୟ



୫ ଦିନିଆ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାର ଶେଷ ସନ୍ଧ୍ୟାରେ ଗ୍ରାହକଙ୍କ ପ୍ରବଳ ଭିଡ଼।

**ଅନୁଗୋଳ ଅଫିସ,୧୩।୪**

**ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ**

ଅନୁଗୋଳ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୫ ଦିନିଆ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ପ୍ରାୟ ୬୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିଲା। ସୋନପୁରର ଜୟ ହନୁମାନ ସଂଘ ୨ ଲକ୍ଷରୁ ଅଧିକ ଟଙ୍କାର କାରବାର କରି ପୁରସ୍କୃତ ହୋଇଥିଲା। ସେହିଭଳି ବଲାଙ୍ଗୀର, ବାଲେଶ୍ୱର ଏବଂ ଅନୁଗୋଳ ଫ୍ରେଶ୍ ଭଲ ବିକ୍ରିବଟା ଯୋଗୁ ପୁରସ୍କୃତ ହୋଇଥିଲେ। ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଟେରାକୋଟା ଏବଂ ରାଶନ ସାମଗ୍ରୀ ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ପବିତ୍ରନଗର,୧୩।୪(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା କୁଲେଇ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ଛେଣ୍ଡିପଦା ଥାନା କମ୍ପସଲା ଗ୍ରାମର ସୁବ୍ରତ ବିଶ୍ୱାଳ (୨୩)ଙ୍କ ମୃତ୍ୟୁ ହୋଇଛି। ଦେବଗଡ଼ ଜିଲା ପରା ଗ୍ରାମର ଚିକୁନ ପ୍ରଧାନ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ମଧ୍ୟାହ୍ନରେ ସୁବ୍ରତ ଓ ଚିକୁନ ବାଇକ୍‌ରେ ସମଲ ଆଡକୁ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ମେଡିକାଲ ନେବା ସମୟରେ ସୁବ୍ରତଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୧୦୬/୨୦୨୨ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

## ୨ ଦିନରେ ୩ ବିବାହିତା ନାବାଳିକା ଉଦ୍ଧାର



ଚାଇଲ୍ଡ ଲାଇନ ଅଧିକାରୀମାନଙ୍କ ସହ ଉଦ୍ଧାର ବିବାହିତା ନାବାଳିକାମାନେ।

**ଅନୁଗୋଳ ଅଫିସ,୧୩।୪**

ଅନୁଗୋଳ ଜିଲା ଚାଇଲ୍ଡ ଲାଇନ ୨ ଦିନ ମଧ୍ୟରେ ୩ ବିବାହିତା ନାବାଳିକାଙ୍କୁ ଉଦ୍ଧାର କରିଛି। ବଣ୍ଟରପାଳ ଥାନା ମହୀଧରପୁର ଫାଣ୍ଡି ଅଞ୍ଚଳରୁ ୨ ଜଣ ଓ ତାଳଚେର ଥାନା ଥର୍ମାଲ ଟାଉନ ଫାଣ୍ଡି ଅଞ୍ଚଳରୁ ଜଣେ ବିବାହିତା ନାବାଳିକାଙ୍କୁ ଶାଶୁ ଘରୁ ଉଦ୍ଧାର ପରେ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଛି। ଟୋଲ ଫ୍ରି ନମ୍ବର ୧୦୯୮ରେ ଅଭିଯୋଗ କ୍ରମେ ବଣ୍ଟରପାଳ ଚାଇଲ୍ଡ ମ୍ୟାରେଜ ପ୍ରୋବେଶନ ଅଫିସର ଲିଲି ଦାସ, ତାଳଚେର ପ୍ରୋବେଶନ ଅଫିସର ପ୍ରମୋଦିନୀ ତ୍ରିପାଠୀ, ଚାଇଲ୍ଡ ଲାଇନ୍ କାଉନସିଲର ଦିଗବିଜୟ ସାହୁ ଓ ଟିମ ମେମ୍ବର ରୋଜାଲିନ ଦାସ ଚଢ଼ାଉ କରି ୩ ଜଣ ବିବାହିତା ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଅନୁଗୋଳ ଅଫିସ,୧୩।୪**



କୁଇଓ ଜଙ୍ଗଲ ମୌଜା ଏବଂ କୁଇଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ଜାମୁନାଳୀ ପଞ୍ଚାୟତ କୁଇଓ ଜଙ୍ଗଲ ମୌଜା ଏବଂ କୁଇଓ ଗ୍ରାମବାସୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଗ୍ରାମବାସୀ କହିଛନ୍ତି, ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଏଯାଏ ଗାଁକୁ ପିଇବା ପାଣି ଯୋଗାଇଦେବାର କୌଣସି ବ୍ୟବସ୍ଥା କରାଯାଇନାହିଁ। ପ୍ରତିବର୍ଷ ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଏମ୍‌ସିଏଲ ଭରତପୁର ଖଣି ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଏ ନେଇ ପଦକ୍ଷେପ ନିଆଯାଇ ନ ଥିବାରୁ ପିଇବା ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଜିଲାପାଳ ଏବଂ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିନାହିଁ। ଏଣୁ ବାଧ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା

**କଣିହାଁ,୧୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକର ବଡ଼ହୀରା ଗ୍ରାମରେ ବୁଧବାର ମା' ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଦେହୁରୀ ଘରୁ ଢୋଲବାଦ୍ୟରେ ପୂଜାଭାର ଯିବା ପରେ ଗ୍ରାମେଶ୍ୱରୀ ପୀଠରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇଥିଲେ। ମାଜଣା ପର୍ବ ପରେ ପୂଜାକର୍ମ ସମାପନ ସହିତ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଗ୍ରାମ ପରିଚାଳକ ସୁଧୀସ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବିଭିନ୍ନ ଗ୍ରାମରେ ଚୈତ୍ରମାସରେ ଏହି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସରକାରୀ ଅବହେଳା ନେଇ ତୀବ୍ର ଅସନ୍ତୋଷ

**ତାଳଚେର,୧୩।୪(ନି.ପ୍ର.)**

**୨୩ରେ ଏକତ୍ର ତାଳଚେର ମିଳିତ ସମାବେଶ**



ତାଳଚେର ଜନବିକାଶ କଲ୍ୟାଣ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ତାଳଚେର ମେଡିକାଲ କଲେଜ ସରକାର ଚଳାଇବା ଦାବି ନେଇ ତାଳଚେର ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ବୁଧବାର ଏକ ବୈଠକ ସ୍ଥାନୀୟ ଘଣ୍ଟପଡା ୱାସେରୀସ୍ଥିତ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଅନ୍ୟ ଜିଲାରେ ସରକାର ନିଜସ୍ୱ ଯୋଜନାରେ ମେଡିକାଲ୍ କଲେଜ କାର୍ଯ୍ୟକ୍ଷମ କରୁଥିବା ବେଳେ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବା ଅନୁଗୋଳ ଜିଲାର ତାଳଚେର ମେଡିକାଲ କଲେଜ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏଥିସହ ଆଗାମୀ ୨୩ ତାରିଖରେ ଘଣ୍ଟପଡ଼ା ଅନନ୍ତ ବିହାର ଦୁର୍ଗାମଣ୍ଡପ ପଡ଼ିଆରେ ଏକତ୍ର ତାଳଚେର ମିଳିତ ସମାବେଶରେ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ସଂଘ ସଭାପତି ଭୂପେନ ଅମ୍ବ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦ୍ରୁମଦ ପ୍ରଧାନ, ସରୋଜ ଧର, କଳାକାର ନାଏକ, ମହେଶ୍ୱର ସାହୁ, ଜିତେନ ମହାପାତ୍ର, ପୁରନ୍ଦର ସାହୁ, କ୍ଷୀରୋଦ ସାହୁ, ନିରଞ୍ଜନ ରାଉତ, ମୁରଲୀ ବେହେରା, ସଞ୍ଜୟ ବେହେରା, ରଞ୍ଜନ ବେହେରା, ବିଶ୍ୱନାଥ ନାଏକ, ବାଉରୀବନ୍ଧୁ ପ୍ରଧାନ, ସନାତନ ମହାପାତ୍ର, ସଞ୍ଜୟ କୁମାର ମିଶ୍ର, ଟିକମ ସାହୁ, ପବିତ୍ର ନାଏକ, ପୀତାମ୍ବର ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୧୩।୪:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କଳସ ଶୋଭାଯାତ୍ରାରେ ୧୦୮ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କାଲୁରିଆ ନିକଟସ୍ଥ ବ୍ରାହ୍ମଣୀ ଘାଟରୁ ଜଳ ଅଣାଯିବା ପରେ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଯଜ୍ଞ, ଗୀତାପାଠ, ଚଣ୍ଡୀପାଠ, ଶ୍ରୀକୃଷ୍ଣ ସହସ୍ର ନାମ, ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ହରିହାଟ ପ୍ରସାଦ ସେବନ, ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତିର୍ମୟୀ ରଥ ଉପସ୍ଥିତ ଥିଲେ।

### ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୧୩।୪:** ଅନୁଗୋଳର ଯୁବକ ଅଭିଜିତ ପଟ୍ଟନାୟକଙ୍କ ଆତ୍ମହତ୍ୟା ମାମଲାରେ ଆଇନ ଅନୁଯାୟୀ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁଗୋଳ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୪ରେ ସୌଭାଗ୍ୟନଗରର ଅଭିଜିତ ଆତ୍ମହତ୍ୟା କରିଥିଲେ। ପ୍ରେମିକା ଓ ତାଙ୍କ ପରିବାର ଦ୍ୱାରା କିପରି ନିର୍ଯାତିତ ହୋଇଥିଲେ ସେ ସମ୍ପର୍କରେ ମୃତ୍ୟୁ ପୂର୍ବରୁ ଫେସ୍‌ବୁକ୍ ଲାଇଭ୍‌ରେ କାନ୍ଦି କାନ୍ଦି ବର୍ଣ୍ଣନା କରିଥିଲେ। ଘଟଣା ନେଇ ୧୬ ତାରିଖରେ ତାଙ୍କ ଭାଇ ପ୍ରେମିକା ଓ ପରିବାର ଲୋକଙ୍କ ବିରୋଧରେ ଅନୁଗୋଳ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ ୧୮ ତାରିଖରେ ଏସ୍‌ପିଙ୍କୁ ଜଣାଇଥିଲେ। ପରେ ପୁରୁଷ କମିଶନ ଆବାହକ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀଙ୍କ ଜରିଆରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ବୁଧବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ହୋଟେଲରୁ ମଦ ଜବତ: ୬ ଗିରଫ

**ବାଙ୍ଗିରିପୋଷି, ୧୩।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ବାଙ୍ଗିରିପୋଷି ଥାନା ଅଧୀନ ଦୁଇଟି ହୋଟେଲରେ ଚଢ଼ାଉ କରି ୨୧୦ ଲିଟର ବିଦେଶୀ ମଦ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଡିଏସ୍‌ପି ଉପାସନା ପାଢ଼ୀ ସୋମବାର ରାତିରେ ୧୮ ନଂ.ଜାତୀୟ ରାଜପଥର ବୁଢ଼ାମରା ସ୍ଥିତ ହୋଟେଲ ଅନିତାରେ ପହଞ୍ଚି ଖାଇବାକୁ ଅର୍ଡର କରିଥିଲେ। ଦଳର ଜଣେ କର୍ମଚାରୀ ଉକ୍ତ ହୋଟେଲରେ ବେଆଇନ ଭାବେ ଚାଲୁଥିବା ବାର୍‌କୁ ଯାଇ ମଦ ମାଗିଥିଲେ। ବାର୍ କର୍ମଚାରୀ ମଦ ଦେବା ସମୟରେ ଦଳର ଅନ୍ୟ ସଦସ୍ୟମାନେ ଚଢ଼ାଉ କରି ୧୭୫ ଲିଟର ମଦ ଜବତ କରିବା ସହ ୪ କର୍ମଚାରୀଙ୍କୁ ଗିରଫ କରିଥିଲେ। ସେହିପରି ଅନ୍ୟ ଏକ ଟିମ୍ ଶିମିଳା ଛକ ସ୍ଥିତ ହୋଟେଲ ରାଜରେ ଚଢ଼ାଉ କରି ୩୫ ଲିଟର ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏନେଇ ବାଙ୍ଗିରିପୋଷି ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ବିମ୍ବାଧର ନାଏକ,ଦେବବ୍ରତ ସାହୁ, ବଳିଆ ଧଡ଼ା, ସନ୍ତୋଷ ନନ୍ଦ,ସପନ ନାଏକ, ପୃଥ୍ୱୀରାଜ ଗୋଛାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ବିସ୍ଫୋରଣରେ ବଳଦ ଗୁରୁତର
#### ବାର୍‌ହା ଶିକାର ପାଇଁ ରଖାଯାଇଥିଲା ବିସ୍ଫୋରକ

**ବାରିପଦା ଅଫିସ, ୧୩।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ଭାଲୁବସା ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାର୍‌ହା ଶିକାର ପାଇଁ ଜଙ୍ଗଲ ସଂଲଗ୍ନ ଜଳାଶୟରେ ବସାଯାଇଥିବା ଫାଶରେ ରଖାଯାଇଥିବା ବିସ୍ଫୋରକ ପଦାର୍ଥରେ ବିସ୍ଫୋରଣ ଘଟି ଏକ ବଳଦ କ୍ଷତାକ୍ତ ହୋଇଛି। ଚନ୍ଦ୍ର ମୋହନ ମହାନ୍ତଙ୍କ ବଳଦ ପାଣି ପିଇବାକୁ ଯାଇ ବିସ୍ଫୋରକକୁ ଖାଇବା ଦ୍ୱାରା ଦୁର୍ଘଟଣାର ଶିକାର ହୋଇଥିଲା। ଫଳରେ ତା’ ମୁହଁରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବଳଦକୁ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ବେତନଟୀ ରେଞ୍ଜର ଘନଶ୍ୟାମ ସିଂ କୁହନ୍ତି, ଫାଶ ବସାଇଥିବା ବ୍ୟକ୍ତିଙ୍କ ସନ୍ଧାନ ମିଳିନାହିଁ। ତେବେ ଆଇନ ଅନୁଯାୟୀ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କାଗଜକଲମରେ କାମ

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମହାଦୁର୍ନୀତି ଅଭିଯୋଗ
- କାମ ନ କରି ୮୦ ଲକ୍ଷ ଟଙ୍କା ଆତ୍ମସାତ୍
- ମୃତକଙ୍କ ନାମରେ ଉଠାଯାଇଛି ଅର୍ଥ
- ସ୍କୁଲ ଛାତ୍ରୀଛାତ୍ରଙ୍କ ନାମରେ ଜବ୍‌କାର୍ଡ

**ଢେଙ୍କାନାଳ ଅଫିସ, ୧୩।୪**




ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାଇତଳା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବଡ଼ଧରଣର ଦୁର୍ନୀତି ହୋଇଛି। ମୃତବ୍ୟକ୍ତି, ସରକାରୀ ଚାକିରିଆ ଏବଂ ସ୍କୁଲ ପିଲାଙ୍କ ନାମରେ ଜବ୍‌କାର୍ଡ କରାଯାଇ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରାଯାଇଛି। କେବଳ କାଗଜକଲମରେ ଦର୍ଶାଇ ୮୦ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଛି। ୨୦୧୯ରୁ ୨୦୨୧ ମଧ୍ୟରେ ଏସବୁ ଦୁର୍ନୀତି ହୋଇଥିବା ଗ୍ରାମବାସୀ ବୁଧବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଅର୍ଥ ତୋସରପାତରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ୨୦୨୦ରେ ରେନ୍ ୱାଟର ମ୍ୟାନେଜମେଣ୍ଟରେ ପେଚାମୁଣ୍ଡା, ଚୁନୁପୁର, ମାଉଥୁମା ଆଦି ସ୍ଥାନରେ ୪୦ଲକ୍ଷ ଟଙ୍କାର କାମ ଆରମ୍ଭ ହୋଇଛି। ତେବେ ଏସବୁ କାମର ଫାଇଲ ଗୋଟିଏ ଦିନରେ ଖୋଲାଯାଇଛି। ଏଥିରେ ୫ ଏକର ଜାଗାରେ ବିଭିନ୍ନ କାମର ଭିନ୍ନ ଭିନ୍ନ ନାମ ଦର୍ଶାଯାଇଛି। ତେବେ ଫାଇଲରେ ଦର୍ଶାଯାଇଥିବା ସ୍ଥାନ ବୋଲି କିଛି ନାହିଁ। କେବଳ କାଗଜ କଲମରେ ମିଥ୍ୟା ବିଲ୍ କରାଯାଇ ଟଙ୍କା ଆତ୍ମସାତ୍ କରାଯାଇଛି। ରାଇତଳା ଗ୍ରାମରେ ୨ ମୃତକଙ୍କ ନାମରେ ଟଙ୍କା ଉଠାଯାଇଛି। ଦୁଇ ନାମଧାରୀ ଜଣେ ଲୋକଙ୍କ ପୃଥକ୍ ଆକାଉଣ୍ଟ ଜରିଆରେ ଟଙ୍କା ଉଠାଣ ହୋଇଛି। ମୃତ୍ୟୁ ଘଟିଥିବା ଜଣେ ପ୍ରଧାନ ଶିକ୍ଷକଙ୍କ ନାମରେ ମଧ ଟଙ୍କା ଉଠିଛି। ସେହିପରି ଚୁଆବାହାଲିଠାରେ ସିଆରିଆ ବନ୍ଧ ଯାଏ ନିର୍ମାଣ ହୋଇଥିବା ଫିଡର ଚ୍ୟାନେଲର ସାଇଡ୍ ୱାଲ୍ ମାତ୍ର ୨ମାସରେ ଭାଙ୍ଗିଯାଇଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓ ଏହାର ତଦନ୍ତ କରିଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଇତଳାରେ କରାଯାଇଥିବା ଖେଳପଡ଼ିଆ ସଂରକ୍ଷିତ ଜଙ୍ଗଲ କାଟେଗୋରିରେ ଯାଉଛି। ବିନା ତଦନ୍ତରେ ଏହାକୁ କିପରି ଅନୁମତି ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଇତଳା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ମହାଦୁର୍ନୀତିର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକାଶ ସାମଲ, ମାନଗୋବିନ୍ଦ ସାମଲ, ପ୍ରହଲ୍ଲାଦ ବେହେରା, ଅଭୟ ସ୍ୱାଇଁ, ନିର୍ମଳ ଦଳେଇ, ଶଙ୍କର୍ଷଣ ସାମଲ, ଡମ୍ବରୁଧର ମଲିକ, ଭାସ୍କର ସାମଲ, ପୁରୁଷୋତ୍ତମ ସାମଲ ପ୍ରମୁଖ ଦାବି କରିଛନ୍ତି। ଏହାର ନକଲ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭିଜିଲାନ୍ସ ବିଭାଗ, ୫-ଟି ସଚିବ ଏବଂ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସଚିବଙ୍କ ନିକଟକୁ ପଠାଯାଇଛି।

ଏ ସଂକ୍ରାନ୍ତରେ ବିଡିଓ ଆଶିଷ ରଞ୍ଜନ ସାହୁ କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପାଇଛୁ। ଆସିଷ୍ଟାଣ୍ଟ ପ୍ରୋଗ୍ରାମ୍ ଅଫିସର ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଜଳୁଛି ରାଣୀଭୂଇଁ ଜଙ୍ଗଲ


ଜଙ୍ଗଲରେ ଲାଗିଥିବା ନିଆଁ।

**ବଇଣ୍ଡା, ୧୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ୍ ରାଣୀଭୂଇଁ ଜଙ୍ଗଲ କିଛିଦିନ ହେବ ଜଳୁଛି। ବନ ବିଭାଗ ପକ୍ଷରୁ ନିଆଁ ଲିଭାଯାଉ ନ ଥିବା ଯୋଗୁ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଅନ୍ୟପଟେ କିଛିଦିନ ହେବ ଜିଲାରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଜଙ୍ଗଲ ନିଆଁ ଯୋଗୁ ତାତି ଅଧିକ ହେଉଛି। ନିଆଁ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ ମଧ ଲିଭାଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବାକୁ ଯାଉଥିବା ଲୋକଙ୍କ ମଧ୍ୟରୁ କେତେଜଣ ନିଆଁ ଲଗାଇଦେଉଥିବା ଅଭିଯୋଗ ହେଉଛି। ଏହି ନିଆଁ ଯୋଗୁ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯିବା ସହ ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଗଛ ଜଳି ଯାଉଛି। ତୁରନ୍ତ ଏଥିପ୍ରତି ବନ ବିଭାଗ ଦୃଷ୍ଟିଦେଇ ନିଆଁ ଆୟତ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ହଣ୍ଡପା ରେଞ୍ଜ ଦାୟିତ୍ୱରେ ଥିବା ବାମୁର ରେଞ୍ଜର ସରୋଜ କୁମାର ଦାସ କହିଛନ୍ତି, ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## ଜାଲ୍ ଦସ୍ତଖତରେ ପଟ୍ଟା ପ୍ରଦାନ

**ଢେଙ୍କାନାଳ ଅଫିସ, ୧୩।୪**

- ତହସିଲ ଅଫିସର ପିଛା ଛାଡୁନି ଦୁର୍ନୀତି
- ୨ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟର ଦୁର୍ନୀତି ପିଛା ଛାଡୁନି। ୨୦୨୧ରେ ଚଞ୍ଚକତା କରି ଏକ ଜଳାଶୟର କିସମ ପରିବର୍ତ୍ତନ କରିବା ଘଟଣାରେ ଜଣେ ଅତିରିକ୍ତ ତହସିଲଦାରଙ୍କ ସମେତ ୨ କର୍ମଚାରୀ ଜେଲ ଯାଇଥିବାବେଳେ ଏବେ ଏହାର ପୁନରାବୃତ୍ତି ଘଟିଛି। ଜମି ମାଲିକଙ୍କ ଅଜାଣତରେ ଜାଲ୍ ଦସ୍ତଖତ କରି ଅନ୍ୟଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଘଟଣା ଜଣାପଡ଼ିବା ପରେ ଭାରପ୍ରାପ୍ତ ତହସିଲଦାର ବୁଧବାର ୨ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ସଦର ବ୍ଲକ ମଧୁସାହୁପାଟଣାର ଅଭିଯୋଗକାରୀ ସନାତନ ସାହୁଙ୍କ ମଧୁସାହୁପାଟଣା ମୌଜାର ଖାତା ନଂ. ୧୬୩ ଏବଂ ପ୍ଲଟ୍ ନଂ. ୧୨ରେ ୧୫ ଡିସିମିଲ ୪ କଡି ଜମି ରହିଛି। ସନାତନଙ୍କ ଅଜାଣତରେ ଜଣେ ବ୍ୟକ୍ତି ଉକ୍ତ ଜମିକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଜରିଆରେ ରେଜିଷ୍ଟ୍ରି କରିଦେଇଥିଲେ। ଏହା ଜଣାପଡ଼ିବା ପରେ ସେ ୨୦୧୪ରେ ବାଲ୍ୟାମ୍ବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ସଦର ତହସିଲ କାର୍ଯ୍ୟାଳୟରେ ୩୧୮୧/୧୪ ମ୍ୟୁଟେଶନ ଖାରଜ ଲାଗି ଆବେଦନ କରିଥିଲେ। କିନ୍ତୁ ସନାତନଙ୍କୁ ନୋଟିସ୍ ନ କରି ତହସିଲ କାର୍ଯ୍ୟାଳୟରେ ୨୬୦୩/୨୦ରେ ନୂଆ ମ୍ୟୁଟେଶନ କେସ୍ କରି ଅଭିଯୁକ୍ତମାନେ ଜାଲ ଦସ୍ତଖତ ସହାୟତାରେ ପଟ୍ଟା କରି ନେଇଛନ୍ତି। ସନାତନ ଖଜଣା ପୈଠ କରିବାକୁ ଯାଇଥିବା ବେଳେ ଏହି ଘଟଣା ପଦାକୁ ଆସିଥିଲା। ନୂତନ ପଟ୍ଟାକୁ ଖାରଜ କରି ଉକ୍ତ ଜାଗାକୁ ପୁରୁଣା ପଟ୍ଟାରେ ମିଶାଇବା ନିମନ୍ତେ ସନାତନ ବୁଧବାର ସଦର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ସଦର ତହସିଲଦାର ଅନୁପମା ମୁର୍ମୁ କୁହନ୍ତି, ଅଭିଯୋଗ ପାଇଛୁ। ଏହାକୁ ସଂଶୋଧନ କରାଯିବ। ଯେଉଁ କର୍ମଚାରୀମାନେ ଏଭଳି କରିଛନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏ ବିଷୟରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ନୀଳଗିରି ୧୨ ଘଣ୍ଟା ବନ୍ଦ
#### ଖବରଦାତାଙ୍କ ଗୋଡ଼ରେ ବେଡି ଘଟଣା

**ସଜନାଗଡ଼, ୧୩।୪(ଡି.ଏନ.ଏ.)**

ନୀଳଗିରି ଅଞ୍ଚଳର ଖବରଦାତା ଲୋକନାଥ ଦଳେଇଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡ଼ି ପକାଇ ଆକ୍ରୋଶମୂଳକ ଭାବେ ବିଭିନ୍ନ ମାମଲାରେ ଛନ୍ଦିବା ପ୍ରତିବାଦରେ ବୁଧବାର ନୀଳଗିରି ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଖବରଦାତାଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ, ତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର, ଆଇଆଇସି ଦ୍ରୌପଦୀ ଦାସ ଓ ଏସ୍‌ଆଇ ସୁବର୍ଣ୍ଣ ବେହେରାଙ୍କୁ ନିଲମ୍ବନ ସହ ଅପରାଧିକ ମାମଲା ରୁଜୁ କରି ଗିରଫ କରାଯିବା ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ଏହି ବନ୍ଦକୁ ସବୁ ବର୍ଗର ଲୋକେ ସହଯୋଗ ଦେଇଥିଲେ।

ଶିକ୍ଷାନୁଷ୍ଠାନ ଓ ଜରୁରୀକାଳୀନ ସେବାକୁ ଛାଡ଼ି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, କୋର୍ଟ, କଚେରୀ, ଯାନବାହାନ, ଦୋକାନ ବଜାର ବନ୍ଦ ରହିଥିଲା। କ୍ରିୟାନୁଷ୍ଠାନ କମିଟିର ବହୁ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ରହି ମତାମତ ଦେଇଥିଲେ। ନୀଳଗିରି ପୋଲିସ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗଣତନ୍ତ୍ରର କଣ୍ଠରୋଧ କରିବାକୁ ପ୍ରୟାସ କରିଛି ବୋଲି ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ କହିଥିଲେ। ସେହିପରି ଚାକିରିରୁ ବଦଳି କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଏହା ଏକ ଆଶୀର୍ବାଦ ବୋଲି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ କହିଥିଲେ।

## ‘ଶିଖିଥିବା କୌଶଳ କାମରେ ଲଗାଅ’


ପ୍ରଶିକ୍ଷାର୍ଥୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

#### ୧୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

**ସାତମାଇଲ, ୧୩।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ୪ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ବିଭାଗ ପ୍ରାଧାପିକା ତଥା ସଂଯୋଜିକା ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ସମାଜରୁ କୁସଂସ୍କାର ଦୂରୀକରଣ ପାଇଁ ଛାତ୍ରସମାଜ ନିଜକୁ ସମର୍ପିତ କରିବା ଉଚିତ। ଏଥିସହ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଶିଖିଥିବା କୌଶଳ ଠିକ୍ ସମୟରେ କାମରେ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମମତା ବେହେରା, ମମତା ପଣ୍ଡା, ଅଧାପିକା ଅରବିନ୍ଦ ସାହୁ ନାରୀଶକ୍ତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ନେଇଥିବା ୧୦୦ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଧାପିକା ଗୌତମୀ ନାୟକ, ଲୁଲୁବାଳା ନାୟକ, ମାଷ୍ଟର ଟ୍ରେନର ଅର୍ଚ୍ଚନା ପ୍ରଧାନ, ମଧୁସ୍ମିତା ଜେନା ଉପସ୍ଥିତ ଥିଲେ। କର୍ମଚାରୀ ଆଶୁତୋଷ ମାଝି, ପ୍ରଦୀପ ପ୍ରଧାନ, ସୁଲୋଚନା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଚ୍ଛତା ସମ୍ପର୍କରେ ସଚେତନତା

**କଣିହାଁ, ୧୩।୪(ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅନ୍ୟମାନେ।

କଣିହାଁ ବ୍ଲକ ବିରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏପ୍ରିଲ ୧ରୁ ବିରୁ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଶୋଭାଯାତ୍ରା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିରୁ ଗ୍ରାମରେ ଡାକ୍ତର ଦିଲୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ିକର୍ମୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସ୍ୱାସ୍ଥ୍ୟକର୍ମୀ, ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ, ବ୍ୟାନର ଧରି ସ୍ଲୋଗାନ ଦେଇ ଗ୍ରାମ ଭ୍ରମଣ କରି ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଦିଲୀପ ବେହେରା, ଫାର୍ମାସିଷ୍ଟ ବିରୁପାକ୍ଷ ସେଠୀ, ପ୍ରମୋଦ ବେହେରା, ରଶ୍ମିତା ସାହୁ, କବିରାଣୀ ମାଝି, ମାମି ପ୍ରଧାନ, ଚମ୍ପାବତୀ ମାଝିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଡାକ୍ତର ପ୍ରଧାନ ପ୍ରକାଶ କରିଛନ୍ତି।

## ଜିଏମ୍‌ଆର୍ ପକ୍ଷରୁ ରକ୍ତଦାନ ଶିବିର

**ଢେଙ୍କାନାଳ ଅଫିସ, ୧୩।୪**

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍) ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଭରଲକ୍ଷ୍ମୀ ଫାଉଣ୍ଡେଶନ, ରକ୍ଷା ସିକ୍ୟୁରିଟି ସର୍ଭିସେସ୍ ଏବଂ ଜିଲା ରକ୍ତଭଣ୍ଡାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୧୬୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କମ୍ପାନୀର ସିଓଓ ରମେଶ ଆର୍. ପାଇ, ତାଙ୍କ ସ୍ତ୍ରୀ ସନ୍ଧ୍ୟା ପାଇ, ଅପରେଶନ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ମନୋଜ ମିଶ୍ର ପ୍ରମୁଖ ଶିବିର ଉଦ୍‌ଘାଟନ କରିଥିଲେ। ଜିକେଇଏଲ୍ କର୍ମଚାରୀ, ରକ୍ଷା ସିକ୍ୟୁରିଟି, ରକ୍ଷା ଟ୍ରେନିଂ ଏକାଡେମୀ, ଅଗ୍ନି ସୁରକ୍ଷା କର୍ମଚାରୀ, ଡିଏଭି ସ୍କୁଲର କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ।



ରକ୍ତଦାନ ଶିବିରରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାକୃତ ରକ୍ତଦାତାମାନେ।

## ବୋହିନେଲେ ପେଟି ପେଟି ବିୟର

**ସାତମାଇଲ, ୧୩।୪(ଡି.ଏନ୍.ଏ.)**


ବିୟର ବୋଝେଇ ଟ୍ରକ୍ ସୁରକ୍ଷା ବାଡ଼ ଭାଙ୍ଗି ବ୍ରିଜ୍ ତଳକୁ ଖସିପଡ଼ିଛି।

ଦୁର୍ଘଟଣା ପରେ ଟ୍ରକ୍ ଭିତରେ ଫସି ରହିଥିଲେ ହେଲ୍‌ପର ଏବଂ ଡ୍ରାଇଭର। ହେଲେ ସେମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଲୋକମାନେ ବୋହିଚାଲିଲେ ପେଟି ପେଟି ବିୟର। ବିପଦ ବେଳେ ସହାୟତାର ହାତ ବଢ଼ାଇବା ବଦଳରେ ବ୍ୟକ୍ତିଗତ ଲାଭ ପାଇଁ ମାନବିକତା ଭୁଲିଯିବାର ସମ୍ବେଦନଶୀଳ ଚିତ୍ର ଆସିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଞ୍ଚଳରୁ।

#### ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ଫସିଥିବା ଡ୍ରାଇଭର, ହେଲ୍‌ପରଙ୍କୁ ଭୁଲିଗଲେ

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଏକ ବିୟର ବୋଝେଇ ଟ୍ରକ୍ (ନଂ. ଓଆର୍ ୦୫ୟୁ ୦୧୯୫) କଟକ ଚୌଦ୍ୱାରରୁ ପୁରୁଣା କଟକ-ସମ୍ବଲପୁର ରାସ୍ତା ଦେଇ ଅନୁଗୋଳ ଅଭିମୁଖେ ଯାଉଥିଲା। ବାଲିମୀ ଥାନା ଗୁଲେହି ବ୍ରିଜ୍ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଆରୋହୀଙ୍କୁ ରକ୍ଷା କରିବାକୁ ଯାଇ ଡ୍ରାଇଭର ଚନ୍ଦନ ସାହୁ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ସୁରକ୍ଷା ବାଡ଼ ଭାଙ୍ଗି ବ୍ରିଜ୍ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣା ପରେ ଉକ୍ତ ଗାଡ଼ିରେ ବିୟର ଥିବା ସ୍ଥାନୀୟ ଲୋକେ ଜାଣି ପାରିଥିଲେ। ଏହି ଖବର ପ୍ରଚାର ହେବା ପରେ ସ୍ୱଳ୍ପ ସମୟ ମଧ୍ୟରେ ବହୁ ସଂଖ୍ୟାରେ ପୁରୁଷମହିଳା, ଛୋଟପିଲା ରୁଣ୍ଡ ହୋଇଯାଇଥିଲେ। ଗାଡ଼ିରେ ଫସି ରହିଥିବା ଡ୍ରାଇଭର, ହେଲ୍‌ପରଙ୍କୁ ଉଦ୍ଧାର କରିବା ବଦଳରେ ସମସ୍ତେ ପେଟି ପେଟି ବିୟର ବୋହି ନେଇଥିଲେ। ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ଗାଡ଼ି ସମ୍ପୂର୍ଣ୍ଣ ଖାଲି ହୋଇଯାଇଥିଲା। ଦୁର୍ଘଟଣା ପରେ ବହୁ ବିୟର ବୋତଲ ଭାଙ୍ଗି ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ପାଇ ହିନ୍ଦୋଳ ପୋଲିସ ପହଞ୍ଚି ଗାଡ଼ିଚାଳକ ଏବଂ ହେଲ୍‌ପରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟେ ସୁସ୍ଥ ଥିବା ଜଣାପଡ଼ିଛି। ଏ ନେଇ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର କୁହନ୍ତି, ଅଦ୍ୟାବଧି ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ପୋଲିସ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଛି। ବିଧିବଦ୍ଧ ଭାବେ ଏତଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ୫୫ନଂ. ଜାତୀୟ ରାଜପଥ କାମ ଚାଲିଥିବାବେଳେ ଉକ୍ତ ଅଣଓସାରିଆ ପୋଲ ଦେଇ ଦୈନିକ ଶତାଧିକ ଭାରିଯାନ ଚଳପ୍ରଚଳ କରୁଛି। ଫଳରେ ବ୍ରିଜ୍ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଥିଲେ ହେଁ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

